# ସରିବାକୁ ବସିଲାଣି ଅବଧି, ଆରମ୍ଭ ହେଲାନି କାର୍ଯ୍ୟ



### ବଡ଼ମ୍ବାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅହେତୁକ ବିଳମ୍ବ

### ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କଲେ ବିଭାଗୀୟ ଯନ୍ତ୍ରୀ

### ଖାଲଖମା ରାସ୍ତା ପାଇଁ ୭ଟି ଗ୍ରାମର ଲୋକେ ନାକେଦମ୍

ବଡ଼ମ୍ବା,୨୨।୧(ସମିସ): ସରକାରୀ ଯୋଜନାରେ ଅର୍ଥ ମଞ୍ଜୁର ହୋଇଛି, ଟେଣ୍ଡର ପ୍ରକ୍ରିୟା ସରିଛି, ଏପରିକି କାମ ସରିବା ପାଇଁ ସମୟ ସୀମା ମଧ୍ୟ ନିକଟତର ହେଲାଣି। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ବାସ୍ତବ କ୍ଷେତ୍ରରେ ଏ ପର୍ଯ୍ୟନ୍ତ କୋଡ଼ାଏ ମଧ୍ୟ ବାଜିନାହିଁ। ବଡ଼ମ୍ବା ବ୍ଲକ ସୁନାପାଳ ଛକଠାରୁ ବଡ଼ବାରେଣା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟରେ ଏଭଳି ଅବହେଳା ଦେଖିବାକୁ ମିଳିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଅଞ୍ଚଳବାସୀ ଏବେ ନରକ ଯନ୍ତ୍ରଣା ଭୋଗୁଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ୨.୫ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ଅନୁମୋଦନ ମିଳିଥିଲା। ପ୍ରାୟ ୨ କୋଟି ୭୭ ଲକ୍ଷ ୮୭ ହଜାର ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରିବାକୁ କଟକର ଜନୈକ "ଏ' କ୍ଲାସ ଠିକାଦାର ରଣିତ ଆଚାର୍ଯ୍ୟ ଚୁକ୍ତିବଦ୍ଧ ହୋଇଛନ୍ତି। ଚୁକ୍ତି ଅନୁଯାୟୀ, କାର୍ଯ୍ୟଟି ୦୩/୦୯/୨୦୨୫ ରୁ ଆରମ୍ଭ ହୋଇ ୦୨/୦୬/୨୦୨୬ ସୁଦ୍ଧା ଶେଷ ହେବା କଥା। ମାତ୍ର କାର୍ଯ୍ୟକାଳର ଅଧାରୁ ଅଧିକ ସମୟ ବିତିଯାଇଥିଲେ ହେଁ ଠିକାଦାର କାମ ଆରମ୍ଭ ନ କରିବା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏହି ରାସ୍ତା ଉପରେ ବଡ଼ବାରେଣା, ଗୁଣ୍ଡଦ୍ୱାର, କଦମପାଳ, ଗୁରୁଡ଼ିପାଳ, ଛାଇତଳିଆ ଓ ଅଚ୍ୟୁତପୁର ଆଦି ୬-୭ଟି ଗ୍ରାମର ହଜାର ହଜାର ଲୋକ ଦୈନନ୍ଦିନ ନିର୍ଭର କରନ୍ତି। ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି ହୋଇ ରହିଥିବାରୁ ଯିବାଆସିବା କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। କୋଲେଶ୍ୱର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଆଇନଜୀବୀ ଅମୂଲ୍ୟ ପାଣିଗ୍ରାହୀ ଓ ସ୍ଥାନୀୟ ବାସିନ୍ଦାମାନେ ବାରମ୍ବାର ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଗୁହାରି ଜଣାଇ ମଧ୍ୟ କୌଣସି ସୁଫଳ ପାଇନାହାନ୍ତି। ଘଟଣା ସମ୍ପର୍କରେ ନରସିଂହପୁର ଏସଡିଓଙ୍କୁ ଯୋଗାଯୋଗ କରିବାରୁ ଜଣାପଡ଼ିଛି ଯେ, ନିର୍ମାଣ କାର୍ଯ୍ୟରେ ବିଳମ୍ବ ପାଇଁ ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଯଦି ଠିକାଦାର ଯଥାଶୀଘ୍ର କାମ ଆରମ୍ଭ ନ କରନ୍ତି, ତେବେ ଟେଣ୍ଡର ବାତିଲ କରି ଅନ୍ୟ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ବଡ଼ମ୍ବା ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେବା ଘଟଣାଟି ଏବେ ରହସ୍ୟାବୃତ ହୋଇ ରହିଛି।

## ଭକ୍ତି ପୀଠରେ ତାରିଣୀ ମେଳା ମହୋତ୍ସବ



ନିଶ୍ଚିନ୍ତକୋଇଲି,୨୨।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବରାଦୋ ଭକ୍ତି ପୀଠରେ ୩୧ତମ ବାର୍ଷିକ ତାରିଣୀ ମେଳା ମହୋତ୍ସବ ମଙ୍ଗଳବାର ରାତିରେ ସମାରୋହରେ ପାଳିତ ହୋଇଛି। ପ୍ରତ୍ୟୁଷରୁ ଏ ଅଞ୍ଚଳର ବିଭିନ୍ନ ଗ୍ରାମଦେବତୀଙ୍କୁ ପୂଜାର୍ଚ୍ଚନା ଓ ମାର୍ଜନା କରାଯାଇ ସୁଦୂର ଘଟଗାଁ ପୀଠରୁ ମା'ଙ୍କ ଭକ୍ତ ଅର୍ଜୁନ ବାଗଙ୍କ ଦ୍ୱାରା ଆସିଥିବା ଆଜ୍ଞାମାଳକୁ ଶୋଭାଯାତ୍ରାରେ ଅଣାଯାଇ ମେଳା ମଣ୍ଡପରେ ସ୍ଥାପନ କରାଯାଇଥିଲା। ସଂଧ୍ୟାରେ କର୍ତ୍ତା ହେମନ୍ତ ରାଉତ ଓ ତାଙ୍କ ପତ୍ନୀ ବିଦ୍ୟୁତଲତା ରାଉତଙ୍କ ଦ୍ୱାରା ସ୍ଥାନୀୟ ଦଧିବାମନଜୀଉଙ୍କ ପବିତ୍ର ପୁଷ୍କରିଣୀରୁ ଜଳ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ରାରେ ମେଳା ମଣ୍ଡପରେ ଅଧିଷ୍ଠିତ ହୋଇଥିଲା। ପୂଜକ ଅକ୍ଷୟ ପଣ୍ଡା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ସାରା ରାତ୍ର ବ୍ୟାପୀ ମା'ଙ୍କର ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ତିନୋଟି ଭଜନ ସଂଧ୍ୟା ଦଳ ଭଜନ ପରିବେଷଣ କରିଥିଲେ। ହଜାର ହଜାର ଭକ୍ତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ମା'ଙ୍କୁ ଧୂପଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ କୃପାଭିକ୍ଷା ଲାଭ କରିଥିଲେ। ତାରିଣୀ ପରିବାରର ବରିଷ୍ଠ କର୍ମକର୍ତ୍ତା ଗଣେଶ୍ୱର ରାଉତଙ୍କ ସଂଯୋଜନାରେ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀମାନେ ଏଥିରେ ସହଯୋଗ କରିଥିଲେ।

## ପ୍ରତିମୂର୍ତ୍ତି ପାଇଁ କମଙ୍ଗରୁ ମାଟି ସଂଗ୍ରହ

ଟାଙ୍ଗୀ,୨୨।୧(ସମିସ): ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଆହ୍ୱାନ କ୍ରମେ ସମ୍ବିଧାନ ପ୍ରଣେତା ଡଃ ବାବାସାହେବ ଆମ୍ବେଦକରଙ୍କ ଏକ ପ୍ରତିମୂର୍ତ୍ତି ସାଧାରଣତନ୍ତ୍ର ଦିବସରେ ଆଠଗଡ଼ସ୍ଥ ବିଜୁ ପଟ୍ଟନାୟକ ପାର୍କରେ ସ୍ଥାପନ କରାଯିବ। ଏଥିନିମନ୍ତେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ମାଟି ସଂଗ୍ରହ ହେଉଥିବାବେଳେ ଟାଙ୍ଗୀ ଚୌଦ୍ୱାର ବ୍ଲକର ପାଞ୍ଚ



ପଞ୍ଚାୟତରେ ସଂଗ୍ରହ ହେବା ସହ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମରୁ ବୁଧବାର ମାଟି ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ସେକ ସାହାଜାନଙ୍କ ଅଧ୍ୟକ୍ଷତାରେ ଏବଂ ଦଳିତ ଆଦିବାସୀ ବହୁଜନ ମଞ୍ଚର ଆଠଗଡ଼ ସଭାପତି ରମେଶ ଘଡ଼େଇଙ୍କ ସଂଯୋଜନାରେ ମିତାଲି ରାଉତ, ବାସନ୍ତୀ ରାଉଳ, ଜାନକୀଙ୍କ ସମେତ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ସୁକାନ୍ତ ରାଉତ, ସରୋଜ ଖଟୁଆ, ଜଗନ୍ନାଥ ଦାସ, ପବିତ୍ର ରାଉତ, ମିନତୀ ସାମଲ, ଅଶୋକ ପରିଡ଼ା, ରାମସିଂ ହେମ୍ବ୍ରମ, ବିଷ୍ଣୁ ମାଝୀ, ମାନସ ମଲ୍ଲିକ, ମାଧବ ବେହେରା ଓ ଦେବପ୍ରସାଦ ସ୍ୱାଇଁଙ୍କ ସମେତ ବିଭିନ୍ନ ଗ୍ରାମର ଜନସାଧାରଣ ଯୋଗଦେଇଥିଲେ।

## ମାହାଙ୍ଗା ବିଜେପି ପକ୍ଷରୁ ବନ୍ଧୁମିଳନ

ମାହାଙ୍ଗା,୨୨।୧(ସମିସ): ମାହାଙ୍ଗା ବ୍ଲକ ଲଳିତଗିରି ଠାରେ ମାହାଙ୍ଗା ବଜେପି ପକ୍ଷରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଂଯୋଜକ ମୀନକେତନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଗ୍ରାମୀଣ ଜିଲ୍ଲା ପ୍ରଭାରୀ କିଶୋର ପଣ୍ଡା, ସମ୍ମାନିତ ଅତିଥିଭାବେ ମାହାଙ୍ଗା ବିଜେପି ନେତା ସୁମନ୍ତ ଘଡେଇ, କେନ୍ଦ୍ରାପଡା ଜିଲା ବିଜେପି ଉପସଭାପତି ଉପେନ ରାଉତ, ନାରୀନେତ୍ରୀ ବେବିନା ମହାପାତ୍ର ଓ ପଙ୍କଜିନୀ ନାୟକ, ଅଶୋକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ କେନ୍ଦ୍ର ତଥା ରାଜ୍ୟରେ ଚାଲିଥିବା ଡବଲ ଇଂଜିନ ସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ ଅବଗତ କରାଇବା ସହିତ ମାହାଙ୍ଗାରେ ବିଜେପିର ସଂଗଠନକୁ କିପରି ଅଧିକରୁ ଅଧିକ ମଜବୁତ କରାଯାଇପାରିବ ସେଥିପାଇଁ କାର୍ଯ୍ୟ କରିବାକୁ ପଡିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ହେମନ୍ତ ସିଂହ, ସଂଗ୍ରାମ ସିଂହ, ପ୍ରଦୀପ୍ତ ସିଂହ, ସୁଦୀପ୍ତ ସିଂହ, ଗୌରାଙ୍ଗ ସିଂହ, ଭାବଗ୍ରାହୀ ମହାରଣା, କ୍ଷୀରୋଦ ମହାରଣା, କାର୍ତ୍ତିକ ସାହୁ, ପ୍ରକାଶ ସାହୁ, ଉମେଶ ବାରିକ, ରବି ସାହୁ, ମଳୟ ଘଡେଇ, ହରପ୍ରସାଦ ପୃଷ୍ଟି, ପ୍ରଫୁଲ୍ଲ ପାତ୍ର, ସୁଶାନ୍ତ ବେହୁରା, ଶିବଶଙ୍କର ଦାସ, ମଳୟ ଘଡେଇ, ହରପ୍ରସାଦ ପୃଷ୍ଟି, ବିକାଶ ସ୍ୱାଇଁ, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲଳିତଗିରି ପଞ୍ଚାୟତ ଯୁବ ସଂଗଠକ ଚିନ୍ମୟ ସିଂହ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ସଂସ୍କୃତି ଏକାଡେମୀର ଲୋକାର୍ପଣ ଉତ୍ସବ



ଚୌଦ୍ୱାର,୨୨।୧(ସମିସ): ଚୌଦ୍ୱାରସ୍ଥିତ ଓଟିଏମ୍ କଲୋନୀରେ ପ୍ରତିଷ୍ଠିତ ଓଡ଼ିଶା ସଂସ୍କୃତି ଏକାଡେମୀ ସଂଗଠନର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଟିଏମ୍ କଲୋନୀସ୍ଥିତ ବାବା ବୈକୁଣ୍ଠନାଥ ଆଶ୍ରମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଅତିଥି ଭାବେ ଯୋଗଦେଇ ଏକାଡେମୀକୁ ଲୋକାର୍ପିତ କରିଥିଲେ। କଟକ ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷା ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ସଂଗଠନର ଚେୟାରମ୍ୟାନ ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ସଭାପତି ସନ୍ତୋଷ ଧର, ସମ୍ପାଦକ ଅଜୟ ସାହୁ, ସମ୍ପାଦିକା ହରପ୍ରିୟା ସାହୁ, ଶରତ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ସ୍ଥାନୀୟ ବହୁ ନାଗରିକ ଏଥିରେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜ୍ଞାନର ବିକାଶ ତଥା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଏହି ସଂଗଠନର ପ୍ରତିଷ୍ଠା କରାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ବଜରଙ୍ଗୀଙ୍କ ମହାଯଜ୍ଞ ଉଦଯାପିତ

କନ୍ଦରପୁର,୨୨।୧(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣା ସ୍ଥିତ ବୀର ବଜରଙ୍ଗୀଙ୍କ ୧୦ମ ବାର୍ଷିକ ମହାଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇ



ଆଜି ଉଦଯାପିତ ହୋଇଯାଇଛି। ମହାନଦୀ ତଅଁରପା ଘାଟରୁ ସହସ୍ରାଧିକ ମହିଳା ଜଳ ଉଠାଇ ଶୋଭାଯାତ୍ରାରେ ଯଜ୍ଞ ସ୍ଥଳ ଅଭିମୁଖେ ଆସି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ରୀତିନୀତି ଅନୁଯାୟୀ ୫ ଦିନ ଧରି ଚାଲିଥିବା ମହାଯଜ୍ଞରେ କର୍ତ୍ତା ଦିଲ୍ଲୀପ ଦଳାଇ, କର୍ତ୍ତ୍ରୀ ସ୍ମୃତିରେଖା ବେହେରା ଦାୟିତ୍ୱ ସମ୍ପନ୍ନ କରିଥିବା ବେଳେ ଆଜି ପୂର୍ଣ୍ଣାହୁତିରେ ବହୁତ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିକ୍ରମ ରାଉତ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ସମେତ ଗତିରାଉତପାଟଣା ଓ ଆଖ ପାଖ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ। ଆଜି ବୁଧବାର ଯଜ୍ଞର ଉଦଯାପନୀ ଅବସରରେ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିବା ଜଣାପଡିଛି। ଏଥିରେ କୁଞ୍ଜ ବିହାରୀ ଜେନା, ବନବିହାରୀ ଜେନା, ରାଜକିଶୋର ରାଉତ, ରମେଶ ଦଳାଇ, ସଞ୍ଜୟ ରାଉତ, ପ୍ରଭାସ ବେହେରା, ଅଜୟ ଖଟୁଆ, ସୁଶାନ୍ତ ରାଉତଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

■ ସାଲେପୁର ମଣ୍ଡିରେ ମନମାନୀ କାର୍ଯ୍ୟ

## କ୍ୱିଣ୍ଟାଲ ପିଛା ୫ କେଜି 'କଟ୍‌ନୀ-ଛଟ୍‌ନୀ'

**ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ**

ସାଲେପୁର,୨୨।୧(ସମିସ): ସାଲେପୁର ବ୍ଲକର ବିଭିନ୍ନ ସମବାୟ ସମିତିରେ ଧାନ ମଣ୍ଡି ଖୋଲିଥିଲେ ହେଁ, ଚାଷୀମାନଙ୍କ ପାଇଁ ଏହା ଖୁସି ପରିବର୍ତ୍ତେ ଚିନ୍ତାର କାରଣ ପାଲଟିଛି। ମଣ୍ଡିରେ ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀମାନଙ୍କ ଠାରୁ ମିଲରମାନେ ମନଇଚ୍ଛା 'କଟ୍‌ନୀ-ଛଟ୍‌ନୀ' କରୁଥିବା ଅଭିଯୋଗ ହୋଇଛି। ପ୍ରତି କ୍ୱିଣ୍ଟାଲ ପିଛା ପ୍ରାୟ ୫ କେଜି ଲେଖାଏଁ ଧାନ କାଟି ଦିଆଯାଉଥିବାରୁ ଚାଷୀମାନେ ବହୁ ଆର୍ଥିକ କ୍ଷତି ସହୁଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ବିଜେପି ନେତା ଅରିନ୍ଦମ ରାୟ ସ୍ଥାନୀୟ ବିଧାୟକଙ୍କୁ ଟାର୍ଗେଟ। ସେ ଅଭିଯୋଗ କରିଛନ୍ତି ଯେ, ସାଲେପୁର ବିଧାୟକ କେବଳ ବିଭିନ୍ନ ସୋସାଇଟିରେ ନଡ଼ିଆ ବାଡ଼େଇ ମଣ୍ଡି ଉଦ୍‌ଘାଟନ କରି 'ବାହା ବାହା' ନେବାରେ ବ୍ୟସ୍ତ ଅଛନ୍ତି। ମାତ୍ର ଚାଷୀମାନେ ମିଲରଙ୍କ ଦ୍ୱାରା ଯେଉଁ ଶୋଷଣର ଶିକାର ହେଉଛନ୍ତି, ସେଥିପ୍ରତି ସେ ସମ୍ପୂର୍ଣ୍ଣ ନିରବ ରହୁଛନ୍ତି। ଅନ୍ୟ ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କ ହସ୍ତକ୍ଷେପ ଫଳରେ କଟ୍‌ନୀ-ଛଟ୍‌ନୀର ପରିମାଣ ୨ରୁ ୩ କେଜି ମଧ୍ୟରେ ସୀମିତ ରହୁଥିବା ବେଳେ ସାଲେପୁରରେ ମିଲରମାନେ ସୀମା ଟପିଗଲେଣି। ମିଲରମାନେ ଧାନର ମାନ ଯାଞ୍ଚ ଆଳରେ ଚାଷୀଙ୍କ କଷ୍ଟଲବ୍ଧ ଅମଳକୁ କମାଇ ଦେଉଛନ୍ତି। ଏହି ଗୁରୁତ୍ୱର ସମସ୍ୟାକୁ ସେ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ଶ୍ରୀ ରାୟ ପ୍ରକାଶ କରିଛନ୍ତି। ଯଦି ପ୍ରଶାସନ ଓ ମିଲରମାନଙ୍କ ମଧ୍ୟରେ ଉଚିତ ସମନ୍ୱୟ ରକ୍ଷା କରାଯାଇ କଟୌତି ପରିମାଣ ହ୍ରାସ ନ କରାଯାଏ, ତେବେ ଚାଷୀମାନେ ଉପକୃତ ହେବା ପରିବର୍ତ୍ତେ ଦେବାଳିଆ ହୋଇଯିବେ। ଚାଷୀମାନଙ୍କୁ ସୁହାଇଲା ଭଳି ପଦକ୍ଷେପ ନେବା ପାଇଁ ସରକାରୀସ୍ତରରେ ଉଦ୍ୟମ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଅଡ଼ଶପୁରରେ ଧାନ ମଣ୍ଡି ଉଦଘାଟିତ



କଣ୍ଠାପଡ଼ା,୨୨।୧(ସମିସ): କଣ୍ଠାପଡା ବ୍ଲକ ଅନ୍ତର୍ଗତ ଅଡଶପୁରରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଅବସରରେ ୧୬ ଜଣ ଚାଷୀଙ୍କ ଠାରୁ ୮୦୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଅଡଶପୁର କୃଷି ସମବାୟ ସମିତି ସମ୍ପାଦକ ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ପ୍ରାରମ୍ଭରେ ପୂଜାର୍ଚ୍ଚନା ପରେ ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଅଡଶପୁର ସରପଞ୍ଚ ସୁବ୍ରତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡି ନୋଡାଲ ଅଧିକାରୀ ଉମାକାନ୍ତ ବେହେରା, ଅଞ୍ଚଳ ଅଧିକାରୀ ଅନୁସୟା ମଲ୍ଲ, ବ୍ଲକ ଯୋଗାଣ ଅଧିକାରୀ ମୋତିରାମ ଦାସ, ଡିଇଓ କିର୍ତ୍ତୀ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। କର୍ମଚାରୀ ଗଗନ ବିହାରୀ ଦାସ ଓ ସୁବ୍ରତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଟପୁରରେ ଖୋଲିଲା ନୂତନ ଧାନ ମଣ୍ଡି



ନିଶ୍ଚିନ୍ତକୋଇଲି,୨୨।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବରାଦୋ ପଞ୍ଚାୟତସ୍ଥିତ ପାଟପୁରଠାରେ ଚଳିତ ବର୍ଷ ନୂତନ ଭାବେ ଶଙ୍କରେଶ୍ୱର କୃଷି ସେବା ସମବାୟ ସମିତି ଖୋଲିଥିଲା। ଏହି ସେବା ସମିତି ଅଧୀନରେ ବୁଧବାର ଦିନ ପ୍ରଥମଥର ପାଇଁ ନୂତନ ଭାବେ ଏକ ଧାନ ମଣ୍ଡି ଖୋଲିଛି। ଉକ୍ତ ଧାନ ମଣ୍ଡିକୁ ସରପଞ୍ଚ ଦିପ୍ତିମୟୀ ବରାଳ ଉଦ୍‌ଘାଟନ କରିଛନ୍ତି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମରେ ଏହି ସେବା ସମବାୟ ସମିତି ଖୋଲାଯିବା ସହିତ ଏଠାରେ ଧାନ ମଣ୍ଡି ଖୋଲାଯାଇ ଚାଷୀମାନଙ୍କର ଧାନ ବିକ୍ରି ପାଇଁ ସୁବିଧା କରାଯାଇଥିବାରୁ ଚାଷୀ ମହଲରେ ଖୁସୀର ଲହରୀ ଦେଖାଯାଇଥିବା ବେଳେ ଏହି ପଞ୍ଚାୟତ ପକ୍ଷରୁ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମଣ୍ଡି ଖୋଲିବାର ପ୍ରଥମ ଦିନରେ ୬ ଜଣ ଚାଷୀଙ୍କଠାରୁ ୨୨୫ କୁଇଣ୍ଟାଲ ଧାନ ମୁରଲୀଧର ମିଲରଙ୍କ ଦ୍ୱାରା କିଣାଯାଇଛି। ଏହି ମଣ୍ଡି ଦାୟିତ୍ୱରେ ଥିବା କେନ୍ଦୁପାଟଣା ସେବା ସମିତିର ସଂପାଦକ ମନୋଜ ନାୟକଙ୍କ ସଂଯୋଜନାରେ ସଭାପତି ଶାରଦା ପ୍ରସାଦ ନାୟକ, କ୍ରୟ କମିଟିର ମୁଖ୍ୟ ରଞ୍ଜନ ରାଉତ, ଗିରିଶ ଚନ୍ଦ୍ର ସାହୁ, ନିରଞ୍ଜନ ପଣ୍ଡା, ଚାଷୀ କୃଷ୍ଣଚନ୍ଦ୍ର ରାଉତ, ଅକ୍ଷୟ ନାୟକ, ପ୍ରକାଶ ରଞ୍ଜନ ସାମଲ, ସବ୍ୟସାଚୀ କର, ନୃସିଂହ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଦାୟିତ୍ୱରେ ଥିବା ୟାର୍ଡ ମ୍ୟାନ୍ ଜୟଦେବ ବିଶ୍ୱାଳ ଓ ସେଖ ମହମ୍ମଦ ଇଦ୍ରିଶ ତଦାରଖ ଦାୟିତ୍ୱରେ ରହିଥିଲା ବେଳେ ଡିଇଓ ଭାବେ ଅମୂଲ୍ୟ ମଲିକ ଓ ରାକ୍ଷୀ ସାମଲ କାର୍ଯ୍ୟ କରିଥିଲେ।

## ପୂଜକଙ୍କ ଦେହାନ୍ତ

ଟାଙ୍ଗୀ,୨୨।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ଗ୍ରାମର ଜଣାଶୁଣା ନୈଷ୍ଠିକ ବ୍ରାହ୍ମଣ ତଥା ପୂଜକ ମନୋରଞ୍ଜନ ଷଡ଼ଙ୍ଗୀ (ମନୁଆ ନନା)ଙ୍କ ୪୬ ବର୍ଷରେ ମଙ୍ଗଳବାର ଦେହାନ୍ତ ହୋଇଥିବା ଜଣାପଡିଛି। ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ମରଶରୀରକୁ ବିରାଟ ଶୋଭାଯାତ୍ରାରେ ଟାଙ୍ଗୀ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ ହୋଇଥିଲା। ଏକମାତ୍ର ପୁତ୍ର ଦିବ୍ୟ ରଞ୍ଜନ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ। ଖବରପାଇ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ଯୁବ ସଂଗଠକ ଆକାଶ ପାତ୍ରଙ୍କ ସମେତ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## ନିର୍ବାଚନ ସାକ୍ଷରତା କ୍ଲବ ପକ୍ଷରୁ କୁଇଜ୍ ପ୍ରତିଯୋଗିତା



ତିଗିରିଆ,୨୨।୧(ସମିସ): ସୁସ୍ଥ ସମାଜ ଗଠନ ପାଇଁ ମତଦାତାଙ୍କ ସାକ୍ଷର ହେବା ନିତ୍ୟାନ୍ତ ଆବଶ୍ୟକ। ପ୍ରତ୍ୟେକ ନିର୍ବାଚନରେ ନିଜର ମତଦାନ ସାବ୍ୟସ୍ତ କରି ନିଜର ଅଧିକାର ହାସଲ କରିବାର ଅତ୍ୟନ୍ତ ଜରୁରି ବୋଲି ବୁଧବାର ତିଗିରିଆ ବ୍ଲକ ଅଧୀନ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଚୈତନ୍ୟ ସାହୁ ଉଚ୍ଚତର ବିଦ୍ୟାଳୟରେ ନିର୍ବାଚନ ସାକ୍ଷରତା କ୍ଲବ ପକ୍ଷରୁ ପୃଥକ ପୃଥକ ଭାବେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମଦତାନ ପକ୍ରିୟାକୁ ଭବିଷ୍ୟତ ଭୋଟରଙ୍କ ପାଖରେ ପହଁଞ୍ଚାଇବା ତଥା ସେମାନଙ୍କୁ ମତଦାନକୁ ନେଇ ଅଧିକରୁ ଅଧିକ ସଚେତନ କରାଇବା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଆଦେଶକ୍ରମେ ୮୯- ଆଠଗଡ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନେର ନିର୍ବାଚନ ସାକ୍ଷରତା କ୍ଲବ ମାନଙ୍କରେ ମତଦାନ ସମାନ କୌଣସି କାର୍ଯ୍ୟ ନାହିଁ, ମୁଁ ନିଶ୍ଚିତ ଭୋଟ ଦେବି ଏହି ଉକ୍ତିକୁ ନେଇ ନିର୍ବାଚନ ସାକ୍ଷରତା କ୍ଲବ ମାନଙ୍କରେ କୁଇଜ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେଉଅଛି। ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରାଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଅକ୍ଷୟ କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଅମର ମହାରଣା ଏବଂ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଜାଜ୍ଞସେନୀ ଗୋଛାୟତ, ଚୈତନ୍ୟ ସାହୁ ଉଚ୍ଚତମ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ସାହୁ, ଅଧ୍ୟାପକ ପଦ୍ମନାଭ ଶତପଥି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମତଦାନ ସମ୍ପର୍କରେ ଧାରଣା ମାନ ଦେଇଥିଲେ। ବୁଥସ୍ତରୀୟ ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସଂଯୋଜନା ଏବଂ ପର୍ଯ୍ୟବେକ୍ଷକ ବିଶ୍ୱ ରଞ୍ଜନ ଜେନା, ମହେଶ୍ୱର ସେଠୀଙ୍କ ସହଯୋଗରେ ଏହି କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିଏମ ନୋଡାଲର ବରିଷ୍ଠ ଶିକ୍ଷକ ପ୍ରମୋଦ ସାହୁ ଉଚ୍ଚତମ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ପର୍ଯ୍ୟବେକ୍ଷକ ପ୍ରମୋଦ ଗୋଚ୍ଛି, ସଚ୍ଚିଦାନନ୍ଦ ରାଉଳ ସାଧନକେନ୍ଦ୍ର ସଂଯୋଜକ ଉମାଶଙ୍କର ରାଉତ, ଅଶୋକ କୁମାର ଦାସ ଏବଂ ଚନ୍ଦ୍ରମଣୀ ସ୍ୱାଇଁଙ୍କ ସେମତ ବହୁ ବୁଥସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜୈବକୃଷିର ଅନନ୍ୟ ସାଧକ ନଟବର ଷଡ଼ଙ୍ଗୀଙ୍କ ପରଲୋକ





**ମରଶରୀର ଦାନ କରି ସୃଷ୍ଟି କଲେ ଆଦର୍ଶ**

ନିଆଳି,୨୨।୧(ସମିସ): ଓଡ଼ିଶାର ଜୈବିକ କୃଷି ଆନ୍ଦୋଳନର ପୁରୋଧା, ବିଶିଷ୍ଟ ପରିବେଶବିତ୍, ସ୍ତମ୍ଭକାର ତଥା ଶିକ୍ଷାବିତ୍ ନଟବର ଷଡଙ୍ଗୀଙ୍କର ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୯୪ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ସମଗ୍ର ନିଆଳି ଅଞ୍ଚଳ ସମେତ ରାଜ୍ୟ କୃଷି ଜଗତରେ ଶୋକର ଛାୟା ଖେଳିଯାଇଛି। ନିଆଳି ହାଇସ୍କୁଲରୁ ଶିକ୍ଷକତାରୁ ଅବସର ନେବା ପରେ ଶ୍ରୀ ଷଡଙ୍ଗୀ ନିଜକୁ ସମ୍ପୂର୍ଣ୍ଣ ଭାବେ ଦେଶୀ ଚାଷ ଓ ଜୈବିକ କୃଷି ପାଇଁ ଉତ୍ସର୍ଗ କରିଥିଲେ। ରାସାୟନିକ ସାର ଓ କୀଟନାଶକର ଘୋର ବିରୋଧୀ ଭାବେ ସେ ନିଆଳି ନରିଶୋ ଅଞ୍ଚଳରେ ରାଜେନ୍ଦ୍ର ଦେଶୀଚାଷ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ପାରମ୍ପାରିକ ଧାନ ବିହନ ଗଚ୍ଛିତ ରହିଥିବା ବେଳେ ଗତ ମାସରେ ସେ 'ଦେଶୀ ବିହନ ବ୍ୟାଙ୍କ' ଉଦ୍‌ଘାଟନ କରି ଚାଷୀକୂଳ ପାଇଁ ଏକ ବଡ଼ ସମ୍ପତ୍ତି ଛାଡ଼ି ଯାଇଛନ୍ତି। ଗୁରୁବାର ସକାଳେ ତାଙ୍କ ମରଶରୀର ନିଆଳିରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ପ୍ରିୟ ଅନୁଷ୍ଠାନ ରାଜେନ୍ଦ୍ର ଦେଶୀଚାଷ ଗବେଷଣା କେନ୍ଦ୍ର, ନରିଶୋ ଏମ୍‌ଇ ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ନିଆଳି ହାଇସ୍କୁଲ ପରିସରରେ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଞ୍ଚଳବାସୀ "ନଟବର ସାର୍ ଅମର ରହେ' ଧ୍ୱନିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ଶେଷ ଯାତ୍ରାରେ ପୂର୍ବତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ପ୍ରଫେସର ବିରେନ୍ଦ୍ର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଜୀବନ ତମାମ ସମାଜ ଓ ମାଟି ପାଇଁ କାମ କରିବା ପରେ ମୃତ୍ୟୁ ପରେ ମଧ୍ୟ ସେ ଏକ ମହାନ ଉଦାହରଣ ସୃଷ୍ଟି କରିଛନ୍ତି। ନିଜର ପୂର୍ବ ନିଷ୍ପତ୍ତି ଅନୁଯାୟୀ, ତାଙ୍କ ମରଶରୀରକୁ ପୋଡ଼ା ନଯାଇ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଚିକିତ୍ସା ବିଜ୍ଞାନର ଗବେଷଣା ପାଇଁ ଦାନ କରାଯାଇଛି। ଜଣେ ଜୈବକୃଷି ବିଶାରଦ ଭାବେ ତାଙ୍କର ଏହି ଅନ୍ତିମ ଅବଦାନ ସମାଜ ପାଇଁ ସର୍ବଦା ପ୍ରେରଣାଦାୟୀ ହୋଇ ରହିବ।

## ଧର୍ମୀୟ ଓ ଜାତିଆଣ ହିଂସାକୁ ପ୍ରତିହତ କରିବାକୁ ବିଜେଡିର ଆହ୍ୱାନ

ଆଠଗଡ,୨୨।୧(ସମିସ): ଧର୍ମୀୟ ଓ ଜାତିଆଣ ହିଂସା ରାଜ୍ୟରେ ଯେଉଁଭଳି ଭାବେ ବୃଦ୍ଧି ଘଟୁଛି ଏହାକୁ ପ୍ରତିହତ କରିବାର ଆବଶ୍ୟକ ରହିଛି ଏଣୁ ଧର୍ମୀୟ ଓ ଜାତିଆଣ ହିଂସାକୁ ପ୍ରତିହତ କରିବା ନିମନ୍ତେ ଆସନ୍ତାକାଲି ଅଥବା ଜାନୁୟାରୀ ୨୩ରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଲକ୍ଷ୍ମୀ ବଜାର ମଣ୍ଡପ ଠାରେ ପାଳନ ହେବାକୁ ଥିବା ନେତାଜୀ ଜୟନ୍ତୀ ତଥା ଯୁବ ଦିବସ ପାଳନରେ ଯୋଗଦେବକୁ ସମସ୍ତ ଯୁବ ଗୋଷ୍ଠିକୁ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ଏହା ସହିତ ଏଥିନିମନ୍ତେ ଏକ ମଶାଲ ଶୋଭାଯାତ୍ରା ଆସନ୍ତାକାଲି ସନ୍ଧ୍ୟାରେ ସ୍ଥାନୀୟ ରଥଗଡା ଛକ ଠାରୁ ବାହାରି ଲକ୍ଷ୍ମୀ ବଜାରରେ ପହଞ୍ଚିବ ଏବଂ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଦଳ ପକ୍ଷରୁ ପ୍ରଦୀପ୍ତ ଦାସ ଏବଂ ବିଶିଷ୍ଟ ସାହିତ୍ୟିକ ନାରାୟଣ ପାଣ୍ଡା ଯୋଗଦେବାର କାର୍ଯ୍ୟକ୍ରମ ଥିବା ଛାତ୍ରନେତା ରିଙ୍କୁ ପତ୍ରୀ ପ୍ରକାଶ କରିଥିଲେ। ସମ୍ମିଳନୀକୁ ଏନଏସି ବିଜୁ ଛାତ୍ର ଜନତ ଦଳ ସଭାପତି ମହମ୍ମଦ ଖାଲିଦ୍, ସାଧାରଣ ସଂପାଦକ ରିଙ୍କୁ ପତ୍ରୀ, ତୋଫାନ ସାମଲ, ଦିନେଶ ପ୍ରଧାନ, ଗିରିଜା ପ୍ରସାଦ ପରିଜା, ଜନ୍ମେଜୟ ଦାସ ଏବଂ ମନୋଜ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।

ସକାଳ THE SAKALA



www.sakalaepaper.com

## ବ୍ରହ୍ମକ୍ଷେତ୍ରରେ ଶ୍ରୀଜୀଉଙ୍କ ପଦ୍ମବେଶ

**ନିଶ୍ଚିନ୍ତକୋଇଲି,୨୨।୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ବରଦା ଗଣେଶ ଚତୁର୍ଥୀ ତିଥିରେ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ପୂଜକ ଜଗତ୍‌ଜୀବନ ପଣ୍ଡା ଓ ହିଂମାଶୁ ପଣ୍ଡାଙ୍କ ଦ୍ୱାରା ପଉଡ ଫିଟା ନୀତି ପରେ ମଙ୍ଗଳଆଳତୀ, ମହାସ୍ନାନ, ନୂତନବସ୍ତ୍ର ପରିଧାନ, ଚନ୍ଦନ ତୁଳସୀ ଲାଗି, ବାଲ୍ୟଭୋଗ ଆଦି



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ପ୍ରଭୁ ବଳଭଦ୍ର, ଭଗ୍ନି ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସର୍ବାଙ୍ଗେ ପଦ୍ମଫୁଲର ପଟି ଚିତ୍ରିତ ବେଶ ଲାଗି କରାଯାଇଥିଲା। ସଂଧ୍ୟାରେ ପାରମ୍ପରିକ ପୂଜାର୍ଚ୍ଚନା ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ ତ୍ରିନାଥ ମହାରଣା ଓ ହରେକୃଷ୍ଣ ପୃଷ୍ଟିଙ୍କ ଦ୍ୱାରା ଏହି ଚିତ୍ରଟି ପ୍ରସ୍ତୁତ କରାଯାଇଥିଲା। ଏହି ଦିବ୍ୟବେଶକୁ ବହୁଭକ୍ତ ଦର୍ଶନ କରି କୃତାର୍ଥ ହୋଇଥିଲେ।

## ମାହାଙ୍ଗା ସେବା ମଞ୍ଚ ପକ୍ଷରୁ କମ୍ବଳ ବଣ୍ଟନ



**ମାହାଙ୍ଗା,୨୨।୧(ସମିସ):** ମାହାଙ୍ଗା ବ୍ଲକ୍ ରାହାଣିଆ ପଞ୍ଚାୟତର ମୋଗଲପାଟଣା ଠାରେ ମାହାଙ୍ଗା ସେବା ମଞ୍ଚ ପକ୍ଷରୁ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ ହସ୍ପିଟାଲର ପ୍ରଫେସର ସ୍ନାୟୁ ବିଭାଗ ଡ଼ା ସୂର୍ଯ୍ୟପ୍ରକାଶ ଶିବ ନାରାୟଣ ଚୌଧୁରୀ, କ୍ୟାପିଟାଲ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ଡା. ସଞ୍ଜୟ ଦାସ, ଏସସିବି ମେଡିକାଲର ଡା. ଜଳଧର ବେହୁରା, କବୟିତ୍ରୀ ଲବଙ୍ଗ ରାଉତ ପ୍ରମୁଖ ଉପସ୍ଥିତ ରହି ୧୫୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ। ମାହାଙ୍ଗା ସେବା ମଞ୍ଚ କେବଳ ଏହି କମ୍ବଳ ବଣ୍ଟନ କାର୍ଯ୍ୟରେ ସୀମିତ ନୁହେଁ ବରଂ ମାଗଣା ସ୍ୱାସ୍ଥ୍ୟ ସେବା ଠାରୁ ଆରମ୍ଭ କରି ଅସହାୟଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇବା ସହ ଆକସ୍ମିକ ଦୁର୍ଘଟଣା ପରିସ୍ଥିତିରେ ପହଞ୍ଚି ସାହାଯ୍ୟ କରି ଆସୁଛି ଦୀର୍ଘ ୩ ବର୍ଷ ଧରି ମାହାଙ୍ଗା ସମେତ ପାଖ ପଡୋଶୀ ଅଞ୍ଚଳରେ ମଧ ମାହାଙ୍ଗା ସେବା ମଞ୍ଚ ତାହାର ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି। ଅମର ସିଂହ, ଅମୀୟ ବରାଳ, ଅଭୟ ବରାଳ, ରଘୁନାଥ ଓଝା, ବିଶ୍ୱନାଥ ଓଝା, ରଜତ ପୃଷ୍ଟି, ଗୁରୁଚରଣ ବିଶ୍ୱାଳ, ଅଶ୍ୱିନୀ ବିଶ୍ୱାଳ, ଅଙ୍କୁର ଓଝା, ନରୋତ୍ତମ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଗ୍ନି ବିପନ୍ନ ପରିବାରକୁ ବିଜେଡିର ସହାୟତା

**ଭଦ୍ରେଶ୍ୱର,୨୨।୧(ସମିସ):** ମାହାଙ୍ଗା ବ୍ଲକ ବିଜେଡି ତରଫରୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ ଅଗ୍ନି ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ମାହାଙ୍ଗା ବ୍ଲକ ପଲ୍ଲୀସାହି ଗ୍ରାମପଞ୍ଚାୟତ ତୁଳସୀପୁର ଗ୍ରାମର ମହେଶ୍ୱର ମଲ୍ଲଙ୍କ ଘରେ ଆକସ୍ମିକ ଭାବେ



ଅଗ୍ନିକାଣ୍ଡ ଘଟି ୨ବଖରା ଗୃହ ସମେତ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତି ଭସ୍ମୀଭୂତ ହୋଇଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ ପଲ୍ଲୀସାହୁ ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସମିତିସଭ୍ୟ ଦୀପକ ରଞ୍ଜନ ଦାସ ପ୍ରମୁଖ ବହୁ ପଞ୍ଚାୟତ ନେତୃମଣ୍ଡଳୀ ବିପନ୍ନଙ୍କ ବାସଭବନରେ ପହଞ୍ଚି ଗଭୀର ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ, ପାଲ, ଟର୍ଚ୍ଚ, ମଶାରୀ ସମେତ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଥିଲେ। ତେବେ ଶ୍ରୀ ଜେନାଙ୍କ ଏଭଳି ମହତ କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

● ଅଂଶୁମାନ ମହାନ୍ତି କ୍ରିକେଟ ପ୍ରତିଯୋଗିତା

## ନୟାପଲ୍ଲୀ କ୍ରିକେଟ କ୍ଲବକୁ ହରାଇ ସେମିରେ ମେଣ୍ଢାଶାଳ

**ଟିଗିରିଆ,୨୨।୧(ସମିସ):** ଟିଗିରିଆ ବ୍ଲକ ଅଧୀନ ମୁନଲାଇଟ ପଡ଼ିଆରେ ପ୍ରସନ୍ନମଣି କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ନବମ ରାଜ୍ୟସ୍ତରୀୟ ଅଂଶୁମାନ ମହାନ୍ତି କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଆୟୋଜିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ଆଇଆରସି ନୟାପଲ୍ଲୀ କ୍ରିକେଟ କ୍ଲବକୁ ୩୬ ରନରେ ପରାସ୍ତ କରି ଖୋର୍ଦ୍ଧାର ମେଣ୍ଢାଶାଳ କ୍ରିକେଟ କ୍ଲବ



ସେମିଫାଇନାଲରେ ପ୍ରବେଶ କରିଛି। ମେଣ୍ଢାଶାଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲେ। ଦଳ ତରଫରୁ ବ୍ୟାଟିଂରେ ଅଭିଷେକ ପଟ୍ଟନାୟକ ମାତ୍ର ୨୨ଟି ବଲରୁ ଧୂଆଁଧାର ୬୩ ରନ ସଂଗ୍ରହ କରିଥିଲେ। ଜବାବରେ ନୟାପଲ୍ଲୀ କ୍ରିକେଟ କ୍ଲବ ମାତ୍ର ୧୯ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୪୭ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ମେଣ୍ଢାଶାଳ ଦଳ ତରଫରୁ ବ୍ୟାଟିଂରେ ଚମତ୍କାର ୬୩ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅଭିଷେକ ପଟ୍ଟନାୟକଙ୍କୁ ଆଜିର ଖେଳରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ସୁକାନ୍ତ ଦାସ ଓ ଉଦିତ ମହାନ୍ତି ପରିଚାଳନା କରିଥିଲେ।

### ସାଢ଼େ ୮ କୋଟିର ରାସ୍ତା କାମରେ ମହାଘୋଟାଲା

# ଗାର୍ଡ ୱାଲ୍‌ରେ ଫାଟ; ଠିକାଦାର ଫେରାର

**ଟାଙ୍ଗୀ,୨୨।୧(ସମିସ):**

କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମାଗୁରା-ଧାନମଣ୍ଡଳ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଏବେ

● ୬ ମାସ ହେଲା କାର୍ଯ୍ୟ ଚାଲିଥିଲେ ବି ଲାଗିନାହିଁ ସୂଚନା ଫଳକ
● ବିଭାଗୀୟ ଯନ୍ତ୍ରୀଙ୍କ ନିରବତାକୁ ନେଇ ଜନଅସନ୍ତୋଷ

ବିବାଦ ଘେରକୁ ଆସିଛି। ପ୍ରାୟ ୮.୫ କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ପ୍ରକଳ୍ପରେ ବ୍ୟାପକ ପିସି କାରବାର ଓ ନିମ୍ନମାନର ନିର୍ମାଣ ଅଭିଯୋଗ ଆଣି ସ୍ଥାନୀୟ ବାସିନ୍ଦା ଉତ୍ତେଜନା ପ୍ରକାଶ କରିଛନ୍ତି।



ମାଗୁରା-ଶନିତୋଟା ରାସ୍ତାରେ ଚାଷଜମି ରହିଥିବାରୁ ରାସ୍ତାର ସୁରକ୍ଷା ପାଇଁ ସିମେଣ୍ଟ କଂକ୍ରିଟ୍ ଗାଡର୍ ୱାଲ ନିର୍ମାଣ କରାଯାଉଛି। ମାତ୍ର ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଗୁରୁବାର ସକାଳେ ସଟରିଂ ଖୋଲାଯିବା ପରେ ୱାଲରେ ବଡ଼ ବଡ଼ ଫାଟ ଦେଖିବାକୁ ମିଳିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଲୋକେ କାମ ବନ୍ଦ କରିବା ସହ ବିରୋଧ ପ୍ରଦର୍ଶନ କରିଥିଲେ। ଲୋକଙ୍କ ଆକ୍ରୋଶ ଦେଖି ଠିକାଦାର କାମ ଅଧା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ସମିତି ସଭ୍ୟାଙ୍କ ପ୍ରତିନିଧି କୁନା ହାତୀ ସୂଚନା ଦେଇଛନ୍ତି। ସରକାରୀ ନିୟମ ଅନୁଯାୟୀ କୌଣସି ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେଠାରେ ଏକ ସୂଚନାଫଳକ ଲଗାଯିବା ବାଧ୍ୟତାମୂଳକ। ମାତ୍ର ଦୀର୍ଘ ୬ ମାସ ଧରି କାର୍ଯ୍ୟ ଚାଲିଥିଲେ ହେଁ କେଉଁ ଅନୁଦାନରେ ଏବଂ କେଉଁ ଠିକାଦାର ଏହି କାମ କରୁଛନ୍ତି, ସେ ନେଇ କୌଣସି ଫଳକ ଲଗାଯାଇ ନାହିଁ। ଏହା ଦ୍ୱାରା ପ୍ରଶାସନ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତରା ଚାଲିଥିବା ଅଭିଯୋଗ ହେଉଛି। ଏହି ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସେ ଫୋନ୍ ଉଠାଉ ନାହାନ୍ତି। ଜନସାଧାରଣଙ୍କ ଟିକସ ଟଙ୍କାରେ ହେଉଥିବା ସାଢ଼େ ୮ କୋଟିର ପ୍ରକଳ୍ପ କିପରି ତଦାରଖ ବିନା ନିମ୍ନମାନର ହେଉଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଦାବି ହେଉଛି।

### ନରସିଂହପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## କଟକକୁ ହରାଇ ଫାଇନାଲରେ ବ୍ରହ୍ମପୁର



**ନରସିଂହପୁର,୨୨।୧(ସମିସ):** ନରସିଂହପୁର ବ୍ଲକ ରେଞ୍ଜର ପଡ଼ିଆ ପରିସରରେ ନରସିଂହପୁର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ନରସିଂହପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ବ୍ରହ୍ମପୁର ଦଳ ବିପକ୍ଷ କଟକ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟସ ଜିଣି ପ୍ରଥମେ ବ୍ରହ୍ମପୁର ଦଳ ୨୦ ଓଭରରେ ୬ଟି ୱିକେଟ ହରାଇ ୧୮୪ ରନ ସଂଗ୍ରହ କରିପାରିଥିଲେ। ଜବାବରେ କଟକ ୨୦ ଓଭରରେ ନିଜର ସମସ୍ତ ୱିକେଟ୍ ହରାଇ ୧୪୯ କରି ବ୍ରହ୍ମପୁର ଦଳ ଠାରୁ ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ଇଲୁ ଗୋଚ୍ଛାୟତ ୪୯ଟି ବଲରେ ୫୩ ରନ ଓ ୧ ଓଭରରେ ୧ଟି ୱିକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚକୁ ଅମ୍ପେୟାର ଭାବେ ଅଶୋକ ରାଉତ ଓ ସଞ୍ଜୟ ଶତପଥୀ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିବେକାନନ୍ଦ ବେହେରା ଓ ଏମଡି ଅଝରଉଦ୍ଦିନ ସ୍କୋରିଂରେ ସାହାଯ୍ୟ କରିଥିଲେ। ରିଙ୍କୁ ରଣା ଓ କାହ୍ନୁଚରଣ ନାୟକ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଖେଳରେ ମୁଖ୍ୟଅତିଥିଭାବେ ସରଧାପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ବରାଡ, ସମାଜସେବୀ ଲିଟୁ ଭୋଇ, ଅର୍ଜୁନ ଶାସନି ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଗ୍ରୁପ ବିର ପ୍ରଥମ ଲିଗ୍ ମ୍ୟାଚ କଟକ ଜଗତପୁର ବନାମ ଆନ୍ଧ୍ରପ୍ରଦେଶ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଅନନ୍ତଗୋପାଳ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

**ମାହାଙ୍ଗା,୨୨।୧(ସମିସ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ମଉଦା ଗ୍ରାମସ୍ଥିତ ଶ୍ରୀଶ୍ରୀ ଅନନ୍ତଗୋପାଳ ଆଶ୍ରମ (ଛୁଆବାବା ମଠ) ରେ ତିନି ଦିନ ବ୍ୟାପୀ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହଯଜ୍ଞ ଓ ବାଳଗୋପାଳଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

### ବାଳଗୋପାଳଙ୍କ ବିଗ୍ରହ ପ୍ରତିଷ୍ଠା

ହୋଇଯାଇଛି। ମଠାଧୀଶ ବାବା ଶ୍ରୀଶ୍ରୀ କମଳାକାନ୍ତ ଦାସ ମହାରାଜ (ଛୁଆବାବା)ଙ୍କ ତତ୍ତ୍ୱବଧାନରେ ରବିବାର କଳସଯାତ୍ରା ଅନୁଷ୍ଠିତ ହୋଇଥିଲେ। ଏଥିରେ ୧୫୪ ଜଣ ମହିଳା ଯୋଗଦେଇ ବାଲିପଡ଼ିଆସ୍ଥିତ ମା' ତାରିଣୀ ପୀଠ ବିରୂପା ନଦୀରୁ ଜଳ ଅଭିଷେକ କରି କଳସ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ଯଜ୍ଞାଧିବାସ ପରେ ସୋମବାର ସୂର୍ଯ୍ୟପୂଜା, ଗୋପୂଜା, ଦେବାଦେବୀ ପୂଜା, କଳସପୂଜା, ଅଗ୍ନିସ୍ଥାପନ, ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା। ବୁଧବାର ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଶ୍ରୀମନ୍ଦିରର ମହାପ୍ରଭୁଙ୍କ



ମୁଖ୍ୟ ପୂଜକ ରାମଚନ୍ଦ୍ର ବଡ଼ପଣ୍ଡା ସାମନ୍ତ ଯୋଗଦେଇ ପୂର୍ଣ୍ଣାହୂତି କରିଥିଲେ। ବିଶିଷ୍ଟ ଯଜ୍ଞବିତ୍ ପଣ୍ଡିତ ବିଜୟା ନନ୍ଦ ଶତପଥୀ ଓ ପଣ୍ଡିତ ବିକ୍ରମ ଶତପଥୀଙ୍କ ତତ୍ତ୍ୱବଧାନରେ ବେଦ ବିଦ୍ୱାନମାନେ ଯୋଗଦେଇ ଯଜ୍ଞରେ ଆହୁତି ଦେଇଥିଲେ। ଏହି ଅବସରରେ ବାଳଗୋପାଳଙ୍କ ନୂତନ ବିଗ୍ରହ ମନ୍ଦିରରେ ସ୍ଥାପନା କରାଯାଇଥିଲା। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳସ ଶୋଭାଯାତ୍ରା ଦିନ କଣ୍ଠଶିଳ୍ପୀ ଶ୍ରୀକର ପାଢ଼ି, ଶାନ୍ତନୁ (ସାନୁ) ମଲ୍ଲିକ ଓ କ୍ଷୀରୋଦ ଚନ୍ଦ୍ର ଦାସ ଯୋଗଦେଇଥିବା ବେଳେ ବିଭିନ୍ନ ଦିବସରେ ବାବାଜୀ ଦିବାକର ଦାସ ଓ କଥାବାଚକ ଶରଣାରବିନ୍ଦ ଓଝା ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଶେଷଦିନ ମା' ତାରିଣୀ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ କଣ୍ଠଶିଳ୍ପୀ ମାନସୀ ପାତ୍ର ଓ କୁମାର ଦିଲ୍ଲୀପ ଯୋଗଦେଇ ଭକ୍ତିଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଧୁସନ୍ଥ ସମ୍ମିଳନୀରେ ଧାନକୁଦ ପୀଠର ମହନ୍ତ ବାବା ଅରକ୍ଷିତ ଦାସ, ପଣ୍ଡିତ ଡ. ଗୌତମ ମହାରଣା, ପ୍ରଫୁଲ ମିଶ୍ରଙ୍କ ସହିତ ଅନ୍ୟ ବିଭିନ୍ନ ସଂପ୍ରଦାୟ ଓ ମତବାଦର ବହୁ ସାଧୁସନ୍ଥ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଦୀର୍ଘ ବର୍ଷରୁ ମଉଦା ଗ୍ରାମରେ ଛୁଆବାବା ଶ୍ରୀଶ୍ରୀ କମଳାକାନ୍ତ ଦାସ ମହାରାଜାଙ୍କ ଆଶ୍ରମ ଗଢ଼ିଉଠିଥିବା ବେଳେ ଗତବର୍ଷ ଏଠାରେ ଅନନ୍ତଗୋପାଳଙ୍କ ଏକ ବିଶାଳ ମନ୍ଦିର ନିର୍ମାଣ କରାଯାଇଛି। ଏହି ଯଜ୍ଞାନୁଷ୍ଠାନକୁ ମଠାଧୀଶ ବାବା ଶ୍ରୀଶ୍ରୀ କମଳାକାନ୍ତ ଦାସ ମହାରାଜ (ଛୁଆବାବା)ଙ୍କ ତତ୍ତ୍ୱବଧାନରେ ବିଘ୍ନ ବିନାୟକ ଯୁବ ପରିଷଦର ସଦସ୍ୟମାନେ ଏବଂ ମଉଦା ଗ୍ରାମବାସୀ ପରିଚାଳନାରେ କରିଥିଲେ। ଏଥିରେ ୧୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**ତ୍ରିଶୂଳିଆ,୨୨।୧(ସମିସ):** ତ୍ରିଶୂଳିଆ ବଜାର ଉପରେ ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ଗୁରୁବାର ସନ୍ଧ୍ୟାରେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମର ମନ୍ମଥ ରାଉତ (୩୫) ଓରଫ ପିଣ୍ଟୁ ତ୍ରିଶୂଳିଆ ବଜାରରୁ ନିଜ ଘରକୁ ଚାଲିଚାଲି ଫେରୁଥିବା ବେଳେ ପଛପଟୁ ଏକ ଅଜଣା ବାଇକ୍ ଧକ୍କା ଦେବାପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ପିଣ୍ଟୁଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗି ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକମାନେ ପିଣ୍ଟୁଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ତିଳକଣା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟିତ

**ନେମାଳ,୨୨।୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତିଳକଣା ପଞ୍ଚାୟତ ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଏହି ମଣ୍ଡିରେ ଚାଷୀଙ୍କ ଠାରୁ ୪୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ଜଣାଯାଇଛି। ସମିତିର ସମ୍ପାଦକ ଶିଶିର କୁମାର ସ୍ୱାଇଁଙ୍କ ସଂଯୋଜନାରେ ଏହି ମଣ୍ଡିକୁ ସମିତିର ସଭାପତି ବିଶ୍ୱନାଥ ପଣ୍ଡା ଆନୁଷ୍ଠାନିକ ଭାବେ ପୂଜାପାଠ କରି ଉଦ୍‌ଘାଟିତ କରିଥିଲେ। ପ୍ରତି ସପ୍ତାହର ସୋମବାର ଧାନ କ୍ରୟ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏଥିରେ ପଞ୍ଜୀକୃତ କରିଥିବା ଚାଷୀଙ୍କ ଠାରୁ ପ୍ରଥମ ପର୍ଯ୍ୟାୟରେ ୧୮୦୦ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ସରକାରୀ ଭାବେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ନୋଡାଲ ଅଫିସର ଭାବେ ପଦ୍ମାବତୀ ରଣା, ଆରଏମ୍‌ସି ପକ୍ଷରୁ ୱାର୍ଡ ମ୍ୟାନ୍ ଜଗଦେବ ବିଶ୍ୱାଳ ଉପସ୍ଥିତ ଥିବା ବେଳେ ଧାନ କ୍ରୟ କମିଟିର ସଭ୍ୟ ଅଜିତ ନାୟକ, ବେବିଲତା ସାମଲ, ଶିଶିର ମଲ୍ଲିକ, ତପନ ଜେନା, ନବକିଶୋର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଶ୍ୱିନୀ ମଲ୍ଲିକ ଓ ନକୁଳ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମିଲର ମୁରଲୀଧର ଗ୍ରେନ୍ ପ୍ରାଇଭେଟ୍ ଲିମିଟେଡ୍ ଏହି ୪୦୦ କୁଇଣ୍ଟାଲ ଧାନ କ୍ରୟ କରିଥିଲେ।

## ଓଡ଼ିଶାର ଖ୍ୟାତନାମା ସୀତାର ବାଦକଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି,୨୨।୧(ସମିସ):** ଓଡିଶାର ଖ୍ୟାତନାମା ସୀତାର ବାଦକ ହେମନ୍ତ କୁମାର ଦାସଙ୍କର ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସ୍ୱର୍ଗତ ଦାସ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ଜଣେ ସୀତାର ବାଦକ ରୂପେ ବେଶ ପରିଚିତ ଥିଲେ। ବିଶେଷ କରି ପଦ୍ମଶ୍ରୀ ସ୍ୱର୍ଗୀୟା ସଂଯୁକ୍ତା ପାଣିଗ୍ରାହୀଙ୍କ ସହ ସେ ସମଗ୍ର ବିଶ୍ୱର ୩୦ରୁ ଊର୍ଦ୍ଧ୍ୱ ଦେଶକୁ ଯାଇ ସୀତାର ବାଦନ କରିଥିଲେ। ସୀତାରରେ ତାଙ୍କର କଳା



ନୈପୁଣ୍ୟ ଯୋଗୁ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ସୂର୍ଯ୍ୟକାନ୍ତ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି, ଯୁବନେତା କ୍ଷୀରୋଦ ଦାସ, ପୂର୍ବତନ ସମିତି ସଭ୍ୟ ନିଗମାନନ୍ଦ ଭଟ୍ଟ, ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଚୌଦ୍ୱାର ମଧୁରକୁଳ ସମାଜର ବାର୍ଷିକୋତ୍ସବ

**ଚୌଦ୍ୱାର,୨୨।୧(ସମିସ):** ଚୌଦ୍ୱାର ମଧୁରକୁଳ ସମାଜର ଇଷ୍ଟଦେବ ଶ୍ରୀ ଗଣେଶ ମହାପ୍ରଭୁଙ୍କ ୪୫ତମ ବାର୍ଷିକୋତ୍ସବ ଚୌଦ୍ୱାର ପୌରପାଳିକା ୪ନମ୍ବର ୱାଡର୍‌ସ୍ଥିତ ରାମଲୀଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମଧୁରକୁଳ ସମାଜ ସଭାପତି ଉଦୟନାଥ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ସଭାପତି ଦେବେନ୍ଦ୍ରନାଥ ସାହୁ ଓ ସମ୍ପାଦକ ପ୍ରସନ୍ନ ସାହୁଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା ଯୋଗଦେଇ ମଧୁବୈଶ୍ୟ ସମାଜର ବିକାଶ ଓ କଲ୍ୟାଣ ଦିଗରେ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଶ୍ରୀଗଣେଶଙ୍କ ଉପଚାର ପୂଜା ମାନ ଅନୁଷ୍ଠିତ ହୋଇଥିଲା ଓ କର୍ଣ୍ଣବଧ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଚୌଦ୍ୱାର ସମାଜର ବସନ୍ତ ସାହୁ, ପ୍ରମୋଦ ସାହୁ, ଲୋକନାଥ ସାହୁ, ଜୀବେଶ ସାହୁ, ଅଜୟ ସାହୁ, ଜୟନ୍ତ ସାହୁଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ

## ଆଠଗଡ଼କୁ ହରାଇ ଫାଇନାଲରେ ଢେଙ୍କାନାଳ

**ଟିଗିରିଆ,୨୨।୧(ସମିସ):** ଟିଗିରିଆ ବ୍ଲକ ସୋମପଡା ପଞ୍ଚାୟତ ଚବକା ଖେଳ ପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ କ୍ରିକେଟ ଲକ୍ଷ୍ମୀଧର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଆଠଗଡର ଷ୍ଟାର କ୍ରିକେଟ କ୍ଲବକୁ ୧୯୪ ରନରେ ହରାଇ ଢେଙ୍କାନାଳ କିଆଝରର ଏସଏମସିସି କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଉନ୍ନତ ବ୍ୟାଟିଂ



ପ୍ରଦର୍ଶନ ପାଇଁ ଢେଙ୍କାନାଳ ଦଳର ରଜତ କୁମାର ଦାଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ସମାଜସେବୀ ତ୍ରିଲିପ ସାମନ୍ତରାୟ ଓ ଯୋଗେଶ ପ୍ରଧାନ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ଶିଶିରକାନ୍ତ ରାଉତରାୟ ପରିଚାଳନା କରିଥିଲେ।

## ଆଠଗଡ଼ ଜିଲ୍ଲା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଆଠଗଡ,୨୨।୧(ସମିସ):** ଆଠଗଡ ଜିଲ୍ଲା ଦାବିନେଇ ଫେବୃଆରୀ ୧୪ ତାରିଖରେ ଆଠଗଡ ବନ୍ଦ କରିବା ପୂର୍ବରୁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଗୁରୁବାର ଦିନ ଆଠଗଡ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚତୁର୍ଥଥର ପାଇଁ ଦିଆଯାଇଛି ଦାବିପତ୍ର। ଆଠଗଡ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ବରିଷ୍ଠ ଆଇନଜୀବୀ ଫଣୀଭୂଷଣ



ରଥଙ୍କ ସହିତ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ଏବଂ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆବାହକ ଲଲାଟେନ୍ଦୁ ସେନାପତିଙ୍କ ନେତୃତ୍ୱରେ ଏକ ଟିମ ଆଠଗଡ ଉପଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଆଠଗଡ ସାହିତ୍ୟ ସମାଜ ସଭାପତି ସୁରେଶ ଚନ୍ଦ୍ର ପରିଡା, ଆଠଗଡ ବୁଦ୍ଧିଜୀବୀ ସଂଘ ସଭାପତି ଶିବ ପ୍ରସାଦ ପଣ୍ଡା, ସମ୍ପାଦକ ଗିରିଶ ମିଶ୍ର, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ମହାପାତ୍ର, ଗୋପରଞ୍ଜନ ପ୍ରଧାନ, ଧରଣୀଧର ମହାପାତ୍ର, ଗଣେଶ ପ୍ରସାଦ ରାଉତ, ପ୍ରଭାତ ରଞ୍ଜନ ମିଶ୍ର, ଆଠଗଡ ପୌରାଞ୍ଚଳ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଶରତ ସାମନ୍ତ, ଆଦିବାସୀ ଦଳିତ ନେତା ବିଚିତ୍ରାନନ୍ଦ ସେଠୀ, ରାମଚନ୍ଦ୍ର ବେହେରା, କୈଳାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖବରକାଗଜ ବିତରକ ଆହତ

**ସାଲେପୁର,୨୨।୧(ସମିସ):** ପ୍ରତିଦିନ ଭଳି ଆଜି ସକାଳେ ସାଲେପୁର ଅଞ୍ଚଳର ଖବରକାଗଜ ବିତରକ ହୃଷିକେଶ ରାଉତ ଖବରକାଗଜ ନେଇ ବିତରଣ କରିବାକୁ ଯାଉଥିବାବେଳେ ବାଟରେ ଅଟକି ଏକ ଚାହାଦୋକାନରେ ଚାହା ପିଉଥିବା ସମୟରେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇଦେବାରୁ ସେ ରାସ୍ତା ଉପରେ ପଡିଯାଇଥିଲେ। ସେ ରାସ୍ତା ଉପରେ ପଡିଯିବାରୁ ତାଙ୍କ ମୁଣ୍ଡ ଫାଟିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାଯାଇଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ୪ରୁ ଉଦ୍ଧ୍ୱର୍ ଷ୍ଟିଚ୍ ପଡିଥିବା ଜଣାଯାଇଛି। ସେ ସାମାନ୍ୟ ସୁସ୍ଥ ହେଲାପରେ ଏବେ ନିଜ ଘରେ ଥିବା ଜଣାଯାଇଛି। ସାଲେପୁର ବିତରକ ସଂଘର ପୁରୁଷୋତ୍ତମ ବେହେରା, ମାନସ ପଟ୍ଟନାୟକ, ନିରଞ୍ଜନ ବାରିକ, ଜୟନ୍ତ ଦାଶ, ବିରେନ୍ଦ୍ର ଶତପଥି, ବାଜକିଶୋର ବେହେରା, ଶତ୍ରୁଘ୍ନ ବେହେରା, ପ୍ରମୋଦ ବେହେରା, ସୁଶାନ୍ତ ବେହେରା, ସ୍ୱରୂପ ଶତପଥି ପ୍ରମୁଖ ତାଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି।

# ବିନା ପିସିସିରେ ନିର୍ମାଣ ହେଉଛି ୫ କୋଟିର ରାସ୍ତା

**ଭଦ୍ରେଶ୍ୱର,୨୨।୧(ସମିସ):**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। ସ୍ଥାନୀୟ ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗରେ

■ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତରା
■ ସରକାରୀ ରାଜକୋଷ ଲୁଟ୍‌କୁ ନେଇ ଅସନ୍ତୋଷ

ଲଗାମଛଡ଼ା ଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଛି। ବିଶେଷ କରି ଜଣେ ବହୁଚର୍ଚ୍ଚିତ ଦୁର୍ନୀତିଖୋର ଯନ୍ତ୍ରୀଙ୍କ କାର୍ଯ୍ୟକଳାପ ଏବେ ସୀମା ଟପିଥିବା ବେଳେ, ନାହାଙ୍ଗ ପଞ୍ଚାୟତରେ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଏହାର ନଗ୍ନ



ନମୁନା ସାଜିଛି। ନାହାଙ୍ଗ ଗ୍ରାମପଞ୍ଚାୟତ ମଙ୍ଗଳା ମନ୍ଦିରଠାରୁ ରେଣ୍ଢା ଜଙ୍ଗଲକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ପାଇଁ ପ୍ରାୟ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ସରକାରୀ ଅଟକଳକୁ ଫୁଁ କରି ଠିକାଦାର ଓ ଯନ୍ତ୍ରୀ ମିଳିମିଶି ନିମ୍ନମାନର କାର୍ଯ୍ୟ ଚଳାଇଛନ୍ତି। ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ପୂର୍ବରୁ ଆବଶ୍ୟକ ହେଉଥିବା ପିସିସି ସ୍ତର ନ ପକାଇ ସିଧାସଳଖ ଢଳେଇ କାର୍ଯ୍ୟ କରାଯାଉଛି। ଏହା ବ୍ୟତୀତ ନିର୍ମାଣ ସାମଗ୍ରୀ ମଧ୍ୟ ଅତ୍ୟନ୍ତ ନିମ୍ନମାନର ବ୍ୟବହାର କରାଯାଉଥିବାରୁ ଏହି କୋଟି କୋଟି ଟଙ୍କାର ରାସ୍ତା କେତେ ଦିନ ତିଷ୍ଠିବ, ତାହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ମାହାଙ୍ଗା ବ୍ଲକରେ ସରକାରୀ ରାଜକୋଷକୁ ଲୁଟ୍ କରିବା ପାଇଁ ଏକ ଶକ୍ତିଶାଳୀ ଗୋଷ୍ଠୀ ସକ୍ରିୟ ହୋଇଉଠିଛି। ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କୁ ରାଜନୈତିକ ସୁରକ୍ଷା ମିଳୁଥିବାରୁ ସେ କାହାକୁ ଖାତିର ନକରି ଦୁର୍ନୀତିକୁ ନୀତି କରିବସିଛନ୍ତି। ବିଗତ ଦିନରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କେବଳ ଭାଷଣବାଜିରେ ସୀମିତ ରହୁଥିବା କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅପରାଧୀଙ୍କ ସାହସ ବଢ଼ିବାରେ ଲାଗିଛି। ଲୋକ ପ୍ରତିନିଧିଙ୍କର ଏହି ଦୁର୍ନୀତି ପଛରେ କି ରହସ୍ୟ ରହିଛି ଏବଂ କାହା ସ୍ୱାର୍ଥରେ ଜଣେ ବିବାଦୀୟ ଯନ୍ତ୍ରୀଙ୍କୁ ସୁରକ୍ଷା ଦିଆଯାଉଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। ଯଦି ତୁରନ୍ତ ଏହି ନିମ୍ନମାନର କାର୍ଯ୍ୟ ବନ୍ଦ କରାଯାଇ ଅଟକଳ ଅନୁଯାୟୀ କାର୍ଯ୍ୟ କରା ନ ଯାଏ, ତେବେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

